# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 28 January – 2026

********************************

## ମୁଖ୍ୟ ସମ୍ବାଦ

- ସରକାରଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁଁ ଦେଶ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରୟାସ ଜାରି ରଖିଛି; କହିଲେ ରାଷ୍ଟ୍ରପତି

– ପ୍ରଥମ ଦିନରେ ସଂସଦର ବଜେଟ୍ ଅଧିବେଶନର ମିଳିତ ଅଧିବେଶନକୁ କଲେ ସମ୍ବୋଧନ

- ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ

- ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ରାଉରକେଲାଠାରେ ୩୫ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଏବଂ

- ଆକାଶବାଣୀ କଟକ କେନ୍ଦ୍ର ଆଜି ପାଳନ କରୁଛି ଅଣାଅସୀତମ ସ୍ୱନକ୍ଷତ୍ର ଦିବସ

Desk

# ପ୍ରେଜ୍-ପାର୍ଲାମେଣ୍ଟ

କେନ୍ଦ୍ର ସରକାରଙ୍କ ଦୃଢ଼ ନୀତି ଓ ପଦକ୍ଷେପ ଯୋଗୁଁ ଦେଶର କୃଷି ଉତ୍ପାଦନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ ହେଉଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସଂସଦର ଉଭୟ ଗୃହର ମିଳିତ ଅଧିବେଶନ ତଥା ବଜେଟ୍ ଅଧିବେଶନର ପ୍ରଥମ ଦିନରେ ନିଜର ସମ୍ବୋଧନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଖାଦ୍ୟଶସ୍ୟ ଓ ଉଦ୍ୟାନ କୃଷି କ୍ଷେତ୍ରରେ ଦେଶରେ ରେକର୍ଡ ପରିମାଣର ଉତ୍ପାଦନ ଲକ୍ଷ୍ୟ ହାସଲ ହୋଇଛି । ଖାଇବା ତେଲ ଓ ଡାଲିଜାତୀୟ ଶସ୍ୟର ଆମଦାନୀ ହ୍ରାସ କରିବା ପାଇଁ ସରକାର ଜାତୀୟ ମିଶନ ଗଠନ କରିଛନ୍ତି । ଭାରତ ମାଛ ଉତ୍ପାଦନରେ ବିଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛି । କୃଷିକ୍ଷେତ୍ରରେ ସରକାର ଆତ୍ମନିର୍ଭରଶୀଳ ହେବା ପାଇଁ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି ।

**- V/O - President Farmer**

ଚଳିତ ଦଶନ୍ଧିର ଶେଷସୁଦ୍ଧା ଭାରତ ୫୦୦ ଗିଗାୱାଟ ନବୀକରଣୀୟ ଶକ୍ତି ଉତ୍ପାଦନ ଲକ୍ଷ୍ୟକୁ ଦେଶ ହାସଲ କରିବ ବୋଲି ରାଷ୍ଟ୍ରପତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ସରକାର ଦେଶର ଉତ୍ତର-ପୂର୍ବାଞ୍ଚଳରେ ୭୦ ହଜାର ୨୦୦ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରିଛନ୍ତି । ଏହା ଦ୍ୱାରା ସୀମାନ୍ତ ଓ ପାହାଡ଼ିଆ ଅଞ୍ଚଳକୁ

ଯାତାୟାତ ସୁଗମ ହୋଇପାରିଛି । ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବିକଶିତ ଭାରତ ଜି.ରାମ.ଜି ଆଇନ ପ୍ରଣୟନ କରିଛନ୍ତି । ଏହି ନୂତନ ଆଇନ ଗ୍ରାମାଞ୍ଚଳ ଲୋକମାନଙ୍କ ପାଇଁ ୧୨୫ ଦିନର କର୍ମଦିବସ ସୁନିଶ୍ଚିତ କରିବ। ଏହି ଯୋଜନା ଚାଷୀ, ଧୀବର ଓ ଗୋପାଳକମାନଙ୍କ ପାଇଁ ଉପଯୋଗୀ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O - G.Ram.G**

ଆତଙ୍କାବଦୀର ମୂଳୋତ୍ପାଟନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରାଷ୍ଟ୍ରପତି କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୦୦୦ରୁ ଅଧିକ ନକ୍ସଲ ଆତ୍ମସମର୍ପଣ କରିସାରିଲେଣି। ଆୟୁଷ୍ମାନ ଭାରତ ଯୋଜନାରେ ଗତବର୍ଷ ଅଢ଼େଇ କୋଟି ଲୋକଙ୍କୁ ମାଗଣା ଚିକିତ୍ସା ପ୍ରଦାନ କରାଯାଇଛି। ବୟୋବନ୍ଦନା ଯୋଜନାରେ ୮ ଲକ୍ଷ ବରିଷ୍ଠ ନାଗରିକଙ୍କୁ ମାଗଣା ଚିକିତ୍ସା ମିଳିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

ୟୁରୋପୀୟ ସଂଘ ସହ ଚୁକ୍ତି ଏକ ଐତିହାସିକ ପଦକ୍ଷେପ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହାଦ୍ୱାରା ନିର୍ମାଣ ଓ ସେବା କ୍ଷେତ୍ରରେ ରୋଜଗାର ସୃଷ୍ଟି ହେବ। ଜି.ଏସ୍.ଟି ସଂସ୍କାର ଯୋଗୁଁ ସାଧାରଣ ଲୋକଙ୍କ ୧ ଲକ୍ଷ କୋଟି ଟଙ୍କା ସଞ୍ଚୟ ହୋଇପାରିଛି। ଏହାଦ୍ୱାରା ଅର୍ଥ ବ୍ୟବସ୍ଥାରେ ଦେଶକୁ ନୂଆ ଗତି ମିଳିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

Desk

# ସିଏମ୍ ଅଜିତ୍ ପାୱାର- ଡେଥ୍

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କର ଆଜି ପୁଣେ ଜିଲ୍ଲାର ବାରାମତୀ ବିମାନ ବନ୍ଦର ନିକଟରେ ବିମାନ ଦୁର୍ଘଟଣାରେ ପ୍ରାଣହାନି ଘଟିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ ଅଜିତ ପାୱାରଙ୍କ ସମେତ ବିମାନରେ ଥିବା ୨ ଜଣ ସୁରକ୍ଷାକର୍ମୀ ଓ ୨ ଜଣ ପାଇଲଟଙ୍କର ମୃତ୍ୟୁ ଘଟିଛି । ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମିତି ନିର୍ବାଚନ ପରିପ୍ରେକ୍ଷୀରେ ବାରାମତୀରେ ଏକ ଜନସଭାରେ ଉଦ୍‌ବୋଧନ ଦେବା ପାଇଁ ଶ୍ରୀ ପାୱାର ମୁମ୍ବାଇରୁ ବାରାମତୀ ଅଭିମୁଖେ ଯାଇଥିଲେ । ବାରାମତୀ ବିମାନ ବନ୍ଦରରେ ବିମାନଟି ଅବତରଣ କରୁଥିଲାବେଳେ ଦୁର୍ଘଟଣା ଘଟିଥିଲା ବୋଲି ଏସ୍.ପି. ସନ୍ଦୀପ ସିଂ ଗିଲ୍ ସୂଚନା ଦେଇଛନ୍ତି । ଅଜିତ ପାୱାରଙ୍କ ବିୟୋଗରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ତିନିଦିନିଆ ଶୋକ ଘୋଷଣା କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ଶ୍ରୀ ପାୱାରଙ୍କ ଅକାଳ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ମହାରାଷ୍ଟ୍ରର ବିକାଶ ବିଶେଷକରି ସମବାୟ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଭୂମିକା ପାଇଁ ଶ୍ରୀ ପାୱାର ସ୍ମରଣୀୟ ହୋଇ ରହିବେ ବୋଲି ରାଷ୍ଟ୍ରପତି କହିଛନ୍ତି।

ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ମହାରାଷ୍ଟ୍ରର ଲୋକମାନଙ୍କ ସେବାରେ ସର୍ବଦା ଆଗରେ ରହୁଥିବା କଠିନ ପରିଶ୍ରମୀ ଶ୍ରୀ ପାୱାର ଅତ୍ୟନ୍ତ ସମ୍ମାନସ୍ପଦ ଥିଲେ ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶ୍ରୀ ପାୱାରଙ୍କ ପରିବାର ଓ ସମର୍ଥକଙ୍କ ପ୍ରତି ସମବେଦନା ଜଣାଇ ଏହି ଦୁଃଖଦ ଘଟଣା ପାଇଁ ନିଜର ଶୋକବ୍ୟକ୍ତ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଶ୍ରୀ ପାୱାର ଜଣେ ରାଜନେତା ଏବଂ ସମର୍ପିତ ଜନସେବକ ଥିଲେ ବୋଲି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ।

Desk

## ମୁଖ୍ୟମନ୍ତ୍ରୀ– ରାଉରକେଲା ଗସ୍ତ

ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାଠାରେ ୨୩ଟି ନୂଆ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୩୫ ହଜାର ୮୮୦ କୋଟି ଟଙ୍କା ପୁଞ୍ଜିନିବେଶରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରାଯିବ ।  ଏହାଦ୍ୱାରା ୧୧ ହଜାର ୮୪୪ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ' ଓଡ଼ିଶା ମାଇନିଂ କର୍ପୋରେସନ୍– ଓ.ଏମ୍.ସି.'ର ପାଭିଲିୟନକୁ ଉଦ୍‌ଘାଟନ କରିବା ସହ ପରିଦର୍ଶନ କରିଥିଲେ । ପ୍ରଦର୍ଶନୀରେ ଓ.ଏମ୍.ସି.'ର ଅଂଶଗ୍ରହଣ ଭାରତର ତୃତୀୟ ସର୍ବବୃହତ ଲୁହାପଥର ଉତ୍ପାଦକ ଭାବରେ ଏହାର ଯାତ୍ରାକୁ ଉଜ୍ଜ୍ୱଳ କରିଛି । ଚଳିତ ଆର୍ଥିକ ବର୍ଷରେ ରେକର୍ଡ ଉତ୍ପାଦନ ହାସଲ କରିବାରେ

ଓ.ଏମ୍.ସି. ଦୃଢ଼ ପଦକ୍ଷେପ ଗ୍ରହଣ କରୁଛି। ଏହାର ସ୍ଥାୟିତ୍ୱ, ସୁରକ୍ଷା, କାର୍ଯ୍ୟରେ ଡିଜିଟାଲ ନବସୃଜନ, ଖଣିଜ ଅନୁସନ୍ଧାନ ପଦକ୍ଷେପ, ଫେରୋକ୍ରୋମ ପ୍ଲାଣ୍ଟ ଓ କ୍ରୋମ ଓର୍ ବେନିଫିସିଏସନ୍ ପ୍ଲାଣ୍ଟ ମାଧ୍ୟମରେ ମୂଲ୍ୟ ବୃଦ୍ଧି ଉପରେ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରାଯାଇଛି। ବର୍ତ୍ତମାନ ଓ.ଏମ୍.ସି. ୧୯ଟି ଖଣି ପରିଚାଳନା କରୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନୂତନ ଖଣିଜ ସମ୍ଭାବନାକୁ ଉନ୍ମୋଚନ କରିବା ଏବଂ ରାଜ୍ୟର ସମ୍ପଦ ଆଧାରକୁ ସୁଦୃଢ଼ କରିବା ପାଇଁ ସମଗ୍ର ରାଜ୍ୟରେ ଖଣିଜ ଅନୁସନ୍ଧାନ ପଦକ୍ଷେପର ନେତୃତ୍ୱ ଓ.ଏମ୍.ସି. ନେଉଛି ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

Desk

## ଆକାଶବାଣୀ ପ୍ରତିଷ୍ଠା ଦିବସ

ଆକାଶବାଣୀ କଟକ କେନ୍ଦ୍ର ଆଜି ତା'ର ୭୯ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ୧୯୪୮ ମସିହା ଆଜିର ଦିନରେ କଟକଠାରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ବିଭିନ୍ନ ବର୍ଗର ଶ୍ରୋତାଙ୍କ ପାଇଁ ଭିନ୍ନ ଭିନ୍ନ ସ୍ୱାଦର କାର୍ଯ୍ୟକ୍ରମ ପରିବେଷଣ କରି ଆକାଶବାଣୀ କଟକ

ଶ୍ରୋତାଙ୍କ ପ୍ରିୟଭାଜନ ହୋଇପାରିଛି।  ଏହି ଅବସରରେ ଆକାଶବାଣୀ ପକ୍ଷରୁ ଏକ ସଭା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ଭି.ଏମ୍.ରତ୍ନ ପ୍ରସାଦ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆକାଶବାଣୀର ଅଭୁଲା ଇତିହାସର ସ୍ମୃତିଚାରଣ କରିଥିଲେ। ଆକାଶବାଣୀ କେନ୍ଦ୍ରର କଳାକାରମାନେ ସଂଗୀତ ପରିବେଶ କରିଥିଲେ। ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମଗୁଡ଼ିକ ମୋବାଇଲ୍ ଆପ୍ ମାଧ୍ୟମରେ ଉପଲବ୍ଧ ହେଉଛି । ଯାହାକୁ ଦେଶ ବିଦେଶର ଶ୍ରୋତାମାନେ ଅନାୟାସରେ ଶୁଣିପାରୁଛନ୍ତି ।

Desk

## ବନକଲାଗି

ମାଘ ଶୁକ୍ଳ ଦଶମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଠାକୁରଙ୍କର ଏହି ନୀତି ଲାଗି ହେବ। ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଶ୍ରୀଜୀଉମାନଙ୍କର ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

HS

## ଡାଟାବେସ୍ ମ୍ୟାନେଜମେଣ୍ଟ

ରାଜ୍ୟ ପୂର୍ତ୍ତ ବିଭାଗର ଠିକାଦାର ପରିଚାଳନା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସରଳ ଓ କାର୍ଯ୍ୟକ୍ଷମ କରିବାକୁ ଠିକାଦାର ଡାଟାବେସ୍ ମ୍ୟାନେଜମେଣ୍ଟ ସିଷ୍ଟମ-୩.୦କୁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁଭାରମ୍ଭ କରିଛନ୍ତି। ପୂର୍ତ୍ତବିଭାଗ ବ୍ୟତୀତ ଏହି ବ୍ୟବସ୍ଥା ଜଳ ସମ୍ପଦ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗରେ ମଧ୍ୟ ବ୍ୟବହାର କରାଯିବ। ଗୋଟିଏ ପାନ୍ ଓ ଗୋଟିଏ ଲାଇସେନ୍ସ ପ୍ରଣାଳୀ ଦ୍ୱାରା ଦୁର୍ନୀତି ହ୍ରାସ ଓ କାର୍ଯ୍ୟର ଗୁଣବତ୍ତା ଉପରେ ଦୃଷ୍ଟି ରଖାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଇ-ଆଇ.ବି. ଡିଜିଟାଲ ବୁକିଂ ପ୍ଲାଟଫର୍ମର ଶୁଭାରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ଅଧୀନରେ ଭୁବନେଶ୍ୱର ପୁରୀ ଓ କୋଣାର୍କରେ ଥିବା ଡାକ ବଙ୍ଗଳାର ବହି ପ୍ରକ୍ରିୟାକୁ ଏହି ପ୍ଲାଟଫର୍ମ ସହଜ ଓ ସରଳ କରିବ। ଅନଲାଇନ୍ ମାଧ୍ୟମରେ ରୁମ୍ ବୁକିଂ ଓ ବାତିଲ ବ୍ୟବସ୍ଥା ସହ ସମସ୍ତ ସୂଚନା ଯେକୌଣସି ସ୍ଥାନରୁ ଜାଣି ହେବ।

Kandhamal

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ାଠାରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଜନସାଧାରଣଙ୍କ ପାଇଁ ପାଠାଗାର, ଆଦିବାସୀ ମହାବିଦ୍ୟାଳୟଠାରେ ନିର୍ମାଣ ହୋଇଥିବା

ସହରାଞ୍ଚଳ ଛାତ୍ରୀନିବାସ, ମହାବିଦ୍ୟାଳୟ ପରିସରରେ ନୂତନ ଶ୍ରେଣୀ ଗୃହକୁ ଶ୍ରୀ ପାଣିଗ୍ରାହୀ ଉଦଘାଟନ କରିଛନ୍ତି ।

Desk

## ବନ୍ଦ ଡାକରା

ରାଜ୍ୟରେ ଆଜି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ବନ୍ଦ ଡାକରା ଯୋଗୁଁ ସାଧାରଣ ପରିବହନ ବ୍ୟବସ୍ଥା ଆଂଶିକ ପ୍ରଭାବ ଦେଖା ଦେଇଥିଲା । ଦୋକାନ ବଜାର, ପେଟ୍ରୋଲ ପମ୍ପ, ଦୁଇ ଚକିଆ ଓ ଛୋଟ ଚାରିଚକିଆ ଗାଡ଼ି ରାସ୍ତାରେ ସାଧାରଣ ଭାବେ ଚଳାଚଳ କରୁଥିଲା ।

BHK

## ଆରୋଗ୍ୟ ସମିତି

ଭଦ୍ରକ ଜିଲ୍ଲା ମଞ୍ଜୁରୀ ରୋଡ ସରକାରୀ ଡାକ୍ତରଖାନାରେ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର ଡାକ୍ତର, ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା, ଉପଯୁକ୍ତ ସ୍ୱାସ୍ଥ୍ୟସେବା, ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

Nabarangpur

## ପାଟବାଲିଯାତ୍ରା

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାରେ ମା’ ଠାକୁରାଣୀଙ୍କ ପାଟବାଲିଯାତ୍ରା ଆରମ୍ଭ ହୋଇଛି । ପ୍ରତି ୧୨ ବର୍ଷରେ ଥରେ

ଏହି ଯାତ୍ରା ଆୟୋଜିତ ହୋଇଥାଏ। ଯାତ୍ରା ଆରମ୍ଭ ପୂର୍ବରୁ ଗ୍ରାମବାସୀମାନେ କୋଷାଖୁମୁଡ଼ା ବ୍ଲକ ଭଣ୍ଡାରୀଗୁଡ଼ା ଗ୍ରାମରେ ବାଲିଗୁରୁମାଇଁଙ୍କୁ ବନ୍ଦାପନା କରିଥିଲେ। ପରେ କଳସ ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା।

Nabarangpur

## ବାଲ୍ୟବିବାହ ସଚେତନତା

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ତାଲୁକସ୍ତରୀୟ ଆଇନସେବା ପ୍ରାଧିକରଣ କମିଟି ପକ୍ଷରୁ ବାଲ୍ୟବିବାହ ରୋକିବା ପାଇଁ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ପାନବେଡ଼ା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପୋଷ୍ଟର ଓ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ।